# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 26th November – 2025

*********************************

## ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ହେଉଛି ଆରମ୍ଭ; ପ୍ରଥମ ଦିନରେ ଗୃହକୁ ସମ୍ବୋଧନ କରିବେ ରାଷ୍ଟ୍ରପତି ।

- ଓଡ଼ିଶାରୁ ମୋଟ୍ ୫୮ ଲକ୍ଷ ମେଟ୍ରିକ୍ ଟନ୍ ଧାନକ୍ରୟପାଇଁ ଭାରତୀୟ ଖାଦ୍ୟ ନିଗମର ନିଷ୍ପତ୍ତି ।

- ଉଚ୍ଚଶିକ୍ଷାପାଇଁ ବିଦେଶ ଶିକ୍ଷାବୃତ୍ତି ଯୋଜନାର ଶୁଭାରମ୍ଭ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ।

ଏବଂ

- "ଆମ ସମ୍ବିଧାନ - ଆମ ସ୍ୱାଭିମାନ"ର ବାର୍ତ୍ତାନେଇ ଆଜି ପାଳନ କରାଯାଉଛି ସମ୍ବିଧାନ ଦିବସ ।

**BBSR/R**

# ବିଧାନସଭା ଅଧିବେଶନ

ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଅଧିବେଶନ ପୂର୍ବରୁ ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଧିବେଶନର ପ୍ରଥମ ଦିନରେ ଆସନ୍ତାକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଏଥିପାଇଁ ବିଧାନସଭା ପକ୍ଷରୁ ସମସ୍ତ ପୂର୍ବ ପ୍ରସ୍ତୁତି ଶେଷ ହୋଇଛି । ରାଷ୍ଟ୍ରପତି ଆସନ୍ତାକାଲି ଅପରାହ୍ଣରେ ବିଧାନସଭାରେ ପହଞ୍ଚିବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ୍ ପକ୍ଷରୁ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଶୁକ୍ରବାର ଗୃହରେ ୨୦୨୫-୨୬ ଆର୍ଥିକବର୍ଷ ଲାଗି ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ । ଏହି ଅଧିବେଶନ ଆସନ୍ତାମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।

**BBSR/R**

# ଭୂସମ୍ପଦ ତଥ୍ୟାବଳୀ ରଥ

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଭୁବନେଶ୍ୱର କୃଷିଭବନଠାରେ ଭୂସମ୍ପଦ ତଥ୍ୟାବଳୀ ରଥର

ଶୁଭାରମ୍ଭ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଭୂସମ୍ପଦ ତଥ୍ୟକୁ ବ୍ୟବହାର କରି ଏଲ୍.ଆର୍.ଆଇ. କାର୍ଡ଼ ପ୍ରସ୍ତୁତ କରାଯାଇଛି । ଏହାକୁ ବ୍ୟବହାର କରି କୃଷକ ଜମିର ଉପାଦେୟତା, ଉପଯୁକ୍ତ ଫସଲ, ମାଟିର ସମସ୍ୟା ଓ ପ୍ରସ୍ତାବିତ ଉପଚାର ସମ୍ପର୍କରେ ଜାଣିପାରିବେ । ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି - ବିଜ୍ଞାନଭିତ୍ତିକ ଜଳ ବିଭାଜିକା ପରିଚାଳନା ସମ୍ପର୍କରେ କୃଷକମାନଙ୍କୁ ଅବଗତ କରାଇବା । ଭୂସମ୍ପଦ ତଥ୍ୟାବଳୀ ଯାତ୍ରା ରିୱାର୍ଡ଼ ପାଇଲଟ୍ ପ୍ରକଳ୍ପ ଅନ୍ତର୍ଗତ ନୟାଗଡ଼, କୋରାପୁଟ, ସମ୍ବଲପୁର, ଢେଙ୍କାନାଳ ଏବଂ ଦେବଗଡ଼ର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଏହାକୁ ଆରମ୍ଭ କରାଯାଇଛି । ଆସନ୍ତା ଏକମାସ ପର୍ଯ୍ୟନ୍ତ ଏହି ରଥ ବିଭିନ୍ନ ଗ୍ରାମପଞ୍ଚାୟତରେ ଲୋକମାନଙ୍କୁ ସଚେତନ କରାଇବ ।

*Desk*

## ଧାନକ୍ରୟ

ଭାରତୀୟ ଖାଦ୍ୟ ନିଗମ - ଏଫ୍.ସି.ଆଇ. ଓଡ଼ିଶାରୁ ଅତିରିକ୍ତ ୮ ଲକ୍ଷ ମେଟ୍ରିକ୍ ଟନ୍ ତଥା ମୋଟ୍ ୫୮ ଲକ୍ଷ ମେଟ୍ରକ୍ ଟନ୍ ଧାନ କ୍ରୟ କରିବ ବୋଲି କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଷୀ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ପୂର୍ବରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ' କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଷୀଙ୍କୁ ଅନୁରୋଧ କରିଥିଲେ । ଶ୍ରୀ ପ୍ରଧାନଙ୍କ ପତ୍ରର ଉତ୍ତରରେ ଶ୍ରୀ ଯୋଷୀ କହିଛନ୍ତି, ଓଡ଼ିଶାର ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖରିଫ୍ ଋତୁପାଇଁ ୪୭ ଲକ୍ଷ ମେଟ୍ରିକ୍ ଟନ ଏବଂ ରବି ଋତୁପାଇଁ

୧୧ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣାଯିବ । ଏଥିପାଇଁ ଶ୍ରୀ ପ୍ରଧାନ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ଏହି ନିଷ୍ପତ୍ତି ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

***BBSR/R***

# ଛାତ୍ରବୃତ୍ତି

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ ଆଜି ବିଦେଶ ଶିକ୍ଷାବୃତ୍ତି ଯୋଜନାର ଶୁଭାରମ୍ଭ କରିଛନ୍ତି । ଶ୍ରୀ ସୂରଯ କହିଛନ୍ତି, ଛାତ୍ରଛାତ୍ରୀଙ୍କ ପାଇଁ ବିଦେଶରେ ଉଚ୍ଚଶିକ୍ଷାପାଇଁ ଅର୍ଥ ଆଉ ବାଧକ ସାଜିବ ନାହିଁ । ଏହା ରାଜ୍ୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବ ବୋଲି ମନ୍ତ୍ରୀ କହିଛନ୍ତି । ଏହି ଶିକ୍ଷାବୃତ୍ତି ଚଳିତ ଶିକ୍ଷାବର୍ଷରୁ ଲାଗୁ କରାଯିବ । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀମାନେ ବିଦେଶରେ ଉଚ୍ଚଶିକ୍ଷା ଲାଭପାଇଁ ଆବେଦନ କରିପାରିବେ । ଏହି ଛାତ୍ରବୃତ୍ତି ପ୍ରତିବର୍ଷ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯିବ । ଉଚ୍ଚଶିକ୍ଷା ମନ୍ତ୍ରୀ ଏହି ଅବସରରେ ୩୪ ଜଣଙ୍କୁ ନିଯୁକ୍ତିପତ୍ର ମଧ୍ୟ ପ୍ରଦାନ କରିଛନ୍ତି ।

*Khurda/R*

## ମହିଳା କମିଶନ୍

ଜାତୀୟ ମହିଳା କମିଶନ ସଦସ୍ୟ ଡକ୍ଟର ଅର୍ଚ୍ଚନା ମଜୁମ୍‌ଦାରଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀର କମିଶନ୍‌ର ଏକ ତିନିଜଣିଆ ଦଳ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜନଶୁଣାଣି କରିଛନ୍ତ । ପଞ୍ଜିକୃତ ହୋଇଥିବା ଖୋର୍ଦ୍ଧା, ପୁରୀ, କଟକ, ଜଗତ୍‌ସିଂହପୁର, ନୟାଗଡ଼, ଗଞ୍ଜାମ ଓ ଭୁବନେଶ୍ୱରର ବିଭିନ୍ନ ମାମଲାର ଶୁଣାଣି କରିଛନ୍ତି ।

*Desk, All PTCs*

## ସମ୍ବିଧାନ ଦିବସ

ଭାରତୀୟ ସମ୍ବିଧାନ ଗ୍ରହଣର ୭୬ ବର୍ଷ ପୂର୍ତ୍ତି ଅବସରରେ ଆଜି ଦେଶ ବ୍ୟାପୀ ସମ୍ବିଧାନ ଦିବସ ପାଳନ କରାଯାଉଛି । ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଭାରତୀୟ ସମ୍ବିଧାନସଭା ପକ୍ଷରୁ ସମ୍ବିଧାନକୁ ଗ୍ରହଣ କରାଯାଇଥିଲା । ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଏହା କାର୍ଯ୍ୟକାରୀ ହୋଇଥିଲା ।

ଚଳିତ ବର୍ଷର ସମ୍ବିଧାନ ଦିବସର ବିଷୟ ରହିଛି 'ଆମ ସମ୍ବିଧାନ–ଆମ ସ୍ୱାଭିମାନ'। ସମ୍ବିଧାନ ଦିବସ ଅବସରରେ ଆଜି ନୂଆଦିଲ୍ଲୀର ସମ୍ବିଧାନ

ସଦନର କେନ୍ଦ୍ରୀୟ ହଲ୍‌ଠାରେ  ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଆମ ସମ୍ବିଧାନ ହେଉଛି ଆମ ଜାତୀୟ ପରିଚୟର ମୂଳ ଆଧାର। ଏହା ରାଷ୍ଟ୍ରକୁ ଆଗେଇ ନେବାରେ ମାର୍ଗଦର୍ଶନ ଦେଉଛି। ଆମ ସମ୍ବିଧାନ ଉପନିବେଶୀୟ ମନୋଭାବକୁ ପରିବର୍ତ୍ତନ କରି ଜାତୀୟତାବାଦୀ ଦୃଷ୍ଟିକୋଣକୁ ଅବସ୍ଥାପିତ କରିଛି। ସମ୍ବିଧାନ ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ ଅତ୍ୟନ୍ତ ପ୍ରଭାବଶାଳୀ ଆଧାର ପ୍ରଦାନ କରିଛି।

କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ଓ ସାଂସଦମାନେ ଯୋଗଦେଇଥିଲେ ।

ଏହି ଅବସରରେ ରାଷ୍ଟ୍ରପତି ସମ୍ବିଧାନର ମୁଖବନ୍ଧ ପଠନର ନେତୃତ୍ୱ ନେଇଥିଲେ। ଓଡ଼ିଆ ସମେତ ୯ଟି ଆଂଚଳିକ ଭାଷାରେ ସମ୍ବିଧାନର ଅନୁବାଦିତ ପୁସ୍ତକ ଉନ୍ମୋଚିତ ହୋଇଥିଲା ।

ରାଜ୍ୟର ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ ପାଳନର ଖବର ଆମର ହସ୍ତଗତ ହୋଇଛି ।

***Desk***

# ଦୁଗ୍ଧ ଦିବସ

ଦେଶରେ ଶ୍ୱେତ ବିପ୍ଳବର ଜନକ ଭାବେ ପରିଚିତ ଡକ୍ଟର ଭର୍ଗିସ୍ କୁରିଏନ୍‌ଙ୍କ ଜନ୍ମବାର୍ଷିକୀକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଆଜି ଜାତୀୟ ଦୁଗ୍ଧ ଦିବସ ପାଳନ କରାଯାଉଛି ।

ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଭୁବନେଶ୍ୱର ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କହିଛନ୍ତି, ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେବା ସହ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୪ ଲକ୍ଷ ୫୦ ହଜାର ହିତାଧିକାରୀଙ୍କୁ ପ୍ରାୟ ୨୦୦ କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି । ରାଜ୍ୟର ଗୋ-ପାଳକମାନେ ଏହି ଯୋଜନା ମାଧ୍ୟମରେ ସଶକ୍ତ ହୋଇପାରିଛନ୍ତି । ଶ୍ରୀ ମଲ୍ଲିକ କହିଛନ୍ତି, ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ରାଜ୍ୟରେ ୩୧୪ଟି ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ୟୁନିଟ୍ ଏବେ କାର୍ଯ୍ୟ କରୁଛି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୨୫ ଜଣ ଗୋ-ପାଳକଙ୍କୁ ଏବଂ କୃଷି ଉଦ୍ୟୋଗ ଯୋଜନାରେ ୩ ଜଣଙ୍କୁ ରିହାତି ପ୍ରଦାନ କରିଛନ୍ତି ।

***BBSR/R***

## ଦୀନ ଦୟାଲ୍

ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସମିତି - ଓରମାସ୍‌ଦ୍ୱାରା ଦୀନ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅନ୍ତର୍ଗତ ତାଲିମପ୍ରାପ୍ତ ପୂର୍ବତନ ପ୍ରଶିକ୍ଷାର୍ଥୀମାନଙ୍କ ସମାବେଶ ଆଜି ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଓରମାସ୍

କାର୍ଯ୍ୟନିର୍ବାହୀ ଅଧିକାରୀ ମୋନିକା ପ୍ରିୟଦର୍ଶନୀ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଏହି କ୍ଷେତ୍ରରେ ଥିବା ବିଭିନ୍ନ ନିଯୁକ୍ତି ସୁଯୋଗ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ । ୨୦୧୬-୧୭ ଓ ୨୦୧୯-୨୦ରେ ଦୀନ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଓଡ଼ିଶା ସର୍ବୋତ୍ତମ ପ୍ରଦର୍ଶନକାରୀ ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି ।

***Desk***

# ଗୁଣ୍ଡିଚା ମନ୍ଦିର

**ପୁରୀ** ଶ୍ରୀଗୁଣ୍ଡିଚା ମନ୍ଦିର ଆସନ୍ତା ପହିଲାରୁ ଖୋଲିବ ବୋଲି ଶ୍ରୀମନ୍ଦିର ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି । ଦୀର୍ଘ ୬ ବର୍ଷ ଧରି ବନ୍ଦ ରହିଥିବା ଗୁଣ୍ଡିଚା ମନ୍ଦିର ଖୋଲିବା ନେଇ ଗତ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଗୁଣ୍ଡିଚା ମନ୍ଦିରର ସମସ୍ତ କାର୍ଯ୍ୟ ପରିଚାଳନା କରିବେ। ଭକ୍ତମାନଙ୍କ ଦର୍ଶନ ପାଇଁ ଟିକେଟ ବ୍ୟବସ୍ଥା ନେଇ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ଡକ୍ଟର ପାଢ଼ୀ କହିଛନ୍ତି।

***Voice :..........***

*Desk*

# ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ୨୦୨୩-୨୪ ଓ ୨୫ ବର୍ଷ ନିମନ୍ତେ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ପୁରସ୍କାର, ଏକାଡେମୀ ପୁରସ୍କାର, ଉପାୟନ ଓ କବିଚନ୍ଦ୍ର କାଳୀଚରଣ ଯୁବପ୍ରତିଭା ପୁରସ୍କାର ପ୍ରଦାନ କରାଯିବ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରସ୍କାର ୨୦୨୩ ବର୍ଷ ପାଇଁ ଡକ୍ଟର ପ୍ରଣବ କିଶୋର ପଟ୍ଟନାୟକ ଓ ବାଦଲ ସିକ୍‌ଦାର, ୨୦୨୪ ପାଇଁ ମୋହିନୀ ମୋହନ ପଟ୍ଟନାୟକ ଓ ସୁଧାକର ସାହୁ ଏବଂ ୨୦୨୫ ପାଇଁ ଘନଶ୍ୟାମ ପଣ୍ଡା ଓ ଭାଗବତ ପ୍ରଧାନଙ୍କୁ ପ୍ରଦାନ କରାଯିବ ।

୨୦୨୩ ପାଇଁ କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ ରୂପକ କୁମାର ପରିଡ଼ା, ଡାକ୍ତର ଚନ୍ଦନ କୁମାର ଗନ୍ତାୟତ, ଦେବବ୍ରତ ପଟ୍ଟନାୟକ, ୨୦୨୪ ପାଇଁ ହିମାଂଶୁ ଶେଖର ସ୍ୱାଇଁ, ପ୍ରଜ୍ଞା ରଞ୍ଜନ ଖଟୁଆ ଏବଂ ୨୦୨୫ ପାଇଁ ବିଶ୍ୱମୋହନ କବି, ଅରୂପା ଗାୟତ୍ରୀ ପଣ୍ଡା ପ୍ରମୁଖଙ୍କୁ ପ୍ରଦାନ କରାଯିବ ।

*Desk*

# ଘୋଡ଼ଲାଗି ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉମାନଙ୍କର ଓଢ଼ଣଷଷ୍ଠୀ ପାଳିତ ହୋଇଛି । ଏହି ଅବସରରେ ଠାକୁରମାନଙ୍କୁ ଘୋଡଲାଗି କରାଯାଇଛି । ଆଜି

ମହାପ୍ରଭୁଙ୍କ ସକାଳ ଧୂପ ବଢ଼ିବା ପରେ ମଇଲମ ହୋଇଥିଲା । ଗତ ରାତିରୁ ଭୋଗ ମଣ୍ଡପରେ ଅଧିବାସିତ ହୋଇଥିବା ଘୋଡ଼ମାନଙ୍କୁ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ବଡ଼ ଦେଉଳକୁ ତିନି ଘେରା ପ୍ରଦକ୍ଷିତ କରାଇ ରତ୍ନ ସିଂହାସନକୁ ବିଜେ କରାଯାଇଥିଲା । ସିଂହାସନରେ ଠାକୁରମାନଙ୍କର ପାଗ ଓ ଘୋଡଲାଗି ବଢ଼ିବା ପରେ ଛଅମୂର୍ତ୍ତି ଅଳଙ୍କାର ଲାଗି କରାଯାଇଛି। ମଖଲମ ଓ ସୂତା କପଡାର ଦରଜୀ ସେବକଙ୍କ ଦ୍ୱାରା ଶ୍ରୀଜୀଉଙ୍କର ଏହି ଘୋଡ ସ୍ୱତନ୍ତ୍ର ଶୈଳୀରେ ପ୍ରସ୍ତୁତ କରାଯାଇଥାଏ। ବହୁ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଘୋଡଲାଗି ବେଶ ଦର୍ଶନ କରୁଛନ୍ତି।

***Kendrapara/R***

## ଘୋଡ଼ଲାଗି

କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀବଳଦେବଜିଉଙ୍କ ରତ୍ନ ସିଂହାସନରେ ଶୀତବସ୍ତ୍ର ଓ ସ୍ୱର୍ଣ୍ଣରୌପ୍ୟ ଅଳଙ୍କାର ଲାଗି କରାଯାଇଛି । ମନ୍ଦିରରେ ଘୋଡ଼ଲାଗିପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଯାଇଛି ।

***Ganjam/R***

## ଅର୍ଥ ପରାମର୍ଶଦାତା କମିଟି

ଗଞ୍ଜାମ ଜିଲ୍ଲା ବ୍ୟାଙ୍କସମୂହ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅର୍ଥ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଭି.

କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଦ୍ୱାରା ପ୍ରଚଳିତ ଯୋଜନାର ସଫଳ ରୂପାୟନ ଏବଂ କାର୍ଯ୍ୟକାରୀ କରିବା ନେଇ ଆଲୋଚନା ହୋଇଥିଲା ।

*Ganjam/R*

## ସାଂସଦ ଖେଳ ମହୋତ୍ସବ

ଗଞ୍ଜାମ ଜିଲ୍ଲା ଛତ୍ରପୁର ଷ୍ଟାଡିୟମ ପରିସରରେ ବ୍ଲକ୍ ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଆୟୋଜିତ ହୋଇଯାଇଛ । ଭଲିବଲ୍ ପ୍ରତିଯୋଗିତାରେ ଆଜି ଛତ୍ରପୁର ୟୁରୋ ସ୍କୁଲ୍ ନରେନ୍ଦ୍ରପୁରକୁ ହରାଇ ଚାମ୍ପିୟନ୍ ହୋଇଛି । ଏଥିରେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

*Nabarangpur/R*

## ଖେଳ ମହୋତ୍ସବ

**ନବରଙ୍ଗପୁର** ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍‌ର ଦହଣା ଗ୍ରାମର ମିନିଷ୍ଟାଡିୟମ୍‌ରୁ ଆଜି ସାଂସଦ ଖେଳ ମହୋତ୍ସବ-୨୦୨୫ ଆରମ୍ଭ ହୋଇଛି । ସାଂସଦ ଖେଳ ମହୋତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ତଥ୍ୟ ପ୍ରଦାନ କରିବା ସହ

ବିକଶିତ ଭାରତ ଆତ୍ମନିର୍ଭର ଭାରତ ଗଠନ ପାଇଁ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟର ଆବଶ୍ୟକତା ରହିଛି ବୋଲି ସାଂସଦ ବଳଭଦ୍ର ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ  କହିଥିଲେ।

***Deogarh/R***

## ପଧାନପାଟ କପ୍ ଫୁଟ୍‌ବଲ୍

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍‌ଠାରେ ସପ୍ତମ ସର୍ବଭାରତୀୟ ପଧାନପାଟ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ-୨୦୨୫ର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଏକାଡେମୀ ଫୁଟ୍‌ବଲ ଦଳ ୩-୦ ଗୋଲ୍‌ରେ ଜଗଦଳପୁରର ରଙ୍ଗବାଜ ଫୁଟ୍‌ବଲ୍ ଦଳକୁ ପରାସ୍ତ କରି ବିଜୟୀ ହୋଇଛି ।

******